ପୂର୍ଣ୍ଣଗଭା

ଶ୍ରୀମତୀ ସ୍ନେହମୟୀ ଦାଶ

Digitized by srujanika@gmail.com

ପୂର୍ଣ୍ଣଗଭା

(କବିତା ସଂକଳନ)

ପ୍ରକାଶକ: ଆଶା ପ୍ରକାଶନୀ
ଭୁବନେଶ୍ୱର

ଶ୍ରୀମତୀ ସ୍ନେହମୟୀ ଦାଶ

Digitized by srujanika@gmail.com

ପୂର୍ଣ୍ଣଗଭା

(କବିତା ସଂକଳନ)
କବି: ସ୍ନେହମୟୀ ଦାଶ
ପ୍ରକାଶକ: ଆଶା ପ୍ରକାଶନୀ
ଯୋଗାଯୋଗ: କ୍ବାଟର୍. ନଂ: ୨ଆର୍.ଏ ୧୧/୩୬, କୃଷି କଲୋନୀ,
୮ ନମ୍ବର,ଭୁବନେଶ୍ୱର
ଫୋନ୍: ୨୫୬୧୮୮୬
ସ୍ୱତ୍ୱାଧିକାରିଣୀ: ଶ୍ରୀମତୀ ସ୍ନେହମୟୀ ଦାଶ
ମୂଲ୍ୟ: ୪୦/ (ଚାଳିଶ ଟଙ୍କା ମାତ୍ର)
ପ୍ରଚ୍ଛଦଶିଳ୍ପୀ:   ଶ୍ରୀମତୀ ହରିପ୍ରୀୟା ରାଉତରାୟ
ପ୍ରଥମ ପ୍ରକାଶ: ଜୁନ୍, ୨୦୦୪

purnagava(A collection of Poems)
Writer: Smt. Snehamayee Dash.
publisher: Asha Prakashani
Contact address:Qrs. no 2RA 11/36
O.U.A.T Colony, Unit-8,BBSR-3
Cover artist:
Smt. HariPriya Routaray.
First publication: June, 2004
Price:Rs.40/ Only.
Copy right reserved by:
Smt. Snehamayee Dash.

Digitized by srujanika@gmail.com

ଅର୍ପଣ

ପରମ ପୂଜନୀୟ ସ୍ୱର୍ଗତଃ ହରିବନ୍ଧୁ ମିଶ୍ର'ଙ୍କ ପାଦପଦ୍ମରେ ବିନମ୍ରତା'ର ସହ ମୋର ଏ କ୍ଷୁଦ୍ର କବିତା ସଂକଳନଟି'କୁ ଅର୍ପଣ କରୁଛି । ତାଙ୍କ ଦିବ୍ୟ ଆଶୀର୍ବାଦର ଅପେକ୍ଷାରେ........

ସ୍ନେହମୟୀ (ଝୁନୁ)

Digitized by srujanika@gmail.com

ପଦେ କଥା

ମୋର ପରମ ପୂଜନୀୟ 'ନନା' ଯେଉଁ ସବୁ ଉପଦେଶ, ଧୈର୍ଯ୍ୟ ଓ ସହନଶୀଳତା ଶିଖାଇ ଥିଲେ ତା'କୁ ପାଥେୟ କରି ଜଟିଳ ଜୀବନ'ର ଚଲାପଥର ଅଙ୍କା ବଙ୍କା ରାସ୍ତା'ରେ ଥରକୁ ଥର ଝୁଣ୍ଟି ଝୁଣ୍ଟି ମଧ୍ୟ ଆଗେଇ ନେବାରେ ସାହାଯ୍ୟ କରୁଛି। ପିଲା'ଟି ଦିନରୁ ନୀରବତା ଭିତରେ ଚାଲୁଥିବା ଲେଖନୀ'କୁ ପଡି ଉଠି ଏ ପର୍ଯ୍ୟନ୍ତ ଚଲାଇ ଆସୁଛି। ଚତୁପାର୍ଶ୍ୱ'ର କୋଳାହଳ ଭିତରୁ ପ୍ରତ୍ୟେକ ମଣିଷ ନିରୋଳା ମୁହୂର୍ତ୍ତ'ଟିଏ ଚାହେଁ, କର୍ତ୍ତବ୍ୟରତ ଦିନ'ଟିକୁ ବିଶ୍ଳେଷଣ କରିବାପାଇଁ, ମୁଁ ବା ସେଥିରୁ ବାଦ୍‌ଯିବି କିପରି ? କର୍ମମୟ ଜୀବନରେ ଦିନକର ଜଞ୍ଜାଳର ପରିସମାପ୍ତି ପରେ , ଘଟ'ଟି ଯେତେବେଳେ ନୀରବ'ରେ ଶୋଇ ରହିଥାଏ, ସେତେବେଳେ ଭାବନା ଓ ଚିନ୍ତନ ଭିତରେ ସୃଜନଶୀଳ ଦୁନିଆ ଭିତରକୁ ମୁଁ ଟାଣି ହୋଇ ଆସେ। ପ୍ରଭୁଙ୍କ କୃପାରୁ ମନକୁ ଯାହା ଆସେ କଲମ ମୁନରେ ଲେଖି ହୋଇଯାଏ। କବିତା ଲେଖିବା ପାଇଁ ଯେ ପ୍ରତିବନ୍ଧକ ନ'ଆସେ ତା' ନୁହେଁ କିନ୍ତୁ ଈଶ୍ୱର'ଙ୍କ ଆଶୀର୍ବାଦରୁ ତାହା ଆପେ ଆପେ ଅପସରି ଯାଏ। ଏପରିକି କବିତା ଗୁଡିକ କାହାରିକୁ ଭଲ ଲାଗେନି ଅବା ନ'ଲାଗିବାର ଛଳନା କରନ୍ତି ମୁଁ ଜାଣି ପାରେନି। ଏ ଲେଖା ଲେଖି ପାଇଁ ଘରେ କେହି ପ୍ରତିବନ୍ଧକ ସୃଷ୍ଟି କରନ୍ତି ନାହିଁ, ବରଂ ପିଲା ମାନଙ୍କ ଖୁସି ମୋତେ ଲେଖିବା ପାଇଁ ଅଧିକ ପ୍ରେରଣା ଯୋଗାଏ। ଏହି କବିତା ସମୂହକୁ ପାଠକ ମାନଙ୍କ ଦୃଷ୍ଟି ଆକର୍ଷଣ କରାଇବା ଦିଗରେ ପରମ ପୂଜନୀୟ କବି ଶ୍ରୀଯୁକ୍ତ ଦଣ୍ଡପାଣି ମିଶ୍ର ଓ କନ୍ୟାପ୍ରତୀମ କବୟତ୍ରୀ ବ୍ରାହ୍ମୀପ୍ରିୟା'ଙ୍କ ଅବଦାନ ଯଥେଷ୍ଟ ଅଧିକ କହିଲେ ଅତ୍ୟୁକ୍ତି ହେବନାହିଁ।

Digitized by srujanika@gmail.com

ଅଭିମତ

ଶ୍ରୀମତୀ ସ୍ନେହମୟୀ ଦାଶ'ଙ୍କୁ ପ୍ରଥମେ ମୁଁ 'ଶିବଶିବା' ମହିଳା ସମିତି'ର ଜଣେ ସଂଗଠିକା ତଥା କର୍ମକର୍ତ୍ତା ଭାବରେ ୧୦/୧୨ ବର୍ଷ ହେଲା ଜାଣି ଥିଲି। ସଂଗଠନ ବିଷୟରେ ଆଲୋଚନା କରୁ କରୁ ଲେଖାଲେଖି ବିଷୟରେ ତାଙ୍କର ଆଗ୍ରହ ଥିବାର ମୁଁ ଜାଣି ପାରିଲି। ଯେ' କେହି ଲେଖକ ବା ଲେଖିକା'ଙ୍କୁ ଉତ୍ସାହିତ କରିବା ମୋର ପରମ କର୍ତ୍ତବ୍ୟ ବୋଲି ମୁଁ ଭାବିଥାଏ। ପରେ ସେ ଯାହା ଲେଖନ୍ତି ମତେ ଶୁଣାଇଥାନ୍ତି। ଏ ମଧ୍ୟରେ ଅନେକ କବିତା ଓ ଗଳ୍ପ ତାଙ୍କର ଅନେକ ପ୍ରଗତିଶୀଳ ପତ୍ରପତ୍ରିକା'ରେ ପ୍ରକାଶିତ ହୋଇ ସାରିଲାଣି। 'ଭିନ୍ନ ଏକ ପ୍ରତ୍ୟୟ' ନାମକ ଏକ ଉପନ୍ୟାସ ତାଙ୍କର ମଧ୍ୟ ପ୍ରକାଶିତ ହୋଇଛି। ଏହି ନୂତନ ଭାବେ ପ୍ରକାଶିତ ହେବାକୁ ଯାଉଥିବା କବିତା ସଂକଳନ 'ପୂର୍ଣ୍ଣଗର୍ଭା' ଏକ ସ୍ୱତନ୍ତ୍ର ଧରଣର ଆତ୍ମବୋଧ ଦିଏ। ଜଣେ ଚେଷ୍ଟା କଲେ ଗଳ୍ପ, ପ୍ରବନ୍ଧ, ଫିଚର୍ ଲେଖି ଦେଇପାରେ , କାରଣ ଏସବୁ ଶ୍ରମ ଓ ମସ୍ତିଷ୍କ ବଳରେ ସମ୍ଭବ ହୁଏ। କିନ୍ତୁ କବିତା ଲେଖିବା ସହଜକର କଥା ନୁହେଁ, କାରଣ ହୃଦୟ'ର ଆବେଗ'ରୁ କବିତା ଜନ୍ମ ନିଏ। ରାଜନୀତି, ସମାଜ ସଂସ୍କାର,ବିପ୍ଳବ ଏ ସବୁ କବିତା ପ୍ରବାହ'ରେ ହିଁ ଜନ୍ମ ନେଇଥାଏ। ବର୍ତ୍ତମାନ ସର୍ବାଧୁନିକ ଯୁଗରେ ଯେତେ ଗଣମାଧ୍ୟମ ସେ ସବୁଥିରେ କବିତା ହିଁ ମୁଖ୍ୟ ଭୂମିକା ହୋଇ ରହି ଆସିଛି।

ମୋର ବୟସ ଏବେ ୮୮, କବି ଓ କବିତା ଏ ଦୁହିଁଙ୍କୁ ମୋ ଜୀବନ'ଠୁ ବଳି ଭଲ ପାଏ। ସ୍ନେହମୟୀ'ଙ୍କ କବିତା ଗୁଡିକ ତାଙ୍କ ହୃଦୟ'ର ଆବେଗରୁ ହିଁ ସୃଷ୍ଟି। ତାଙ୍କ ପାଖେ ମନ, ଆଗ୍ରହ, ତଥା ସବୁ ପ୍ରକାର'ର ଅନୁକୂଳ ବାତାବରଣ ଯଥେଷ୍ଟ ଅଛି। ସେ ଚାହିଁଲେ ଓଡିଆ ସାହିତ୍ୟ'କୁ ଅନେକ ଉପାଦେୟ ସୃଷ୍ଟି ଭେଟି ଦେଇ ପାରିବେ। ସେ ଯଶସ୍ୱୀ ହୁଅନ୍ତୁ, ତାଙ୍କ ଲକ୍ଷ୍ୟସ୍ଥଳ'ରେ ପହଁଞ୍ଚନ୍ତୁ ଏହାହିଁ ଆଶୀର୍ବାଦ।

ଶ୍ରୀଯୁକ୍ତ ଦଣ୍ଡପାଣି ମିଶ୍ର
'କବି ଓ କବିତା ନିବାସ'
ଭୀମଟାଙ୍ଗୀ, ଭୁବନେଶ୍ୱର

Digitized by srujanika@gmail.com

ସୂଚୀପତ୍ର

ଆହ୍ୱାନ	୧
ନିଃଝୁମ୍ ରାତି	୩
ସାଉଁଟା	୫
ନୈରାଶ୍ୟ	୭
ନୀରବ'ର ଭାଷା	୧୦
ଝଲ୍‌ସା	୧୩
ବାଦଲ	୧୫
ଅଭିମାନ	୧୬
ଫେରନ୍ତା ଢେଉ	୧୮
ଚତୁର୍ଥ ପ୍ରହରୀ	୨୦
ହେ ମହମ୍ମା	୨୨
ଅନ୍ତଃସ୍ୱର	୨୫
ଉପେକ୍ଷିତ	୨୭
କୁହୁଡି	୨୯
ପ୍ରତୀକ୍ଷା	୩୧
ଦର୍ଦ	୩୩
ଚଲାପଥେ	୩୪
ସରଗ ନାନୀ	୩୬
ପ୍ରଶ୍ନ	୩୮
ଅବୁଝା ମନ	୪୦
ଭୁଲି ହୁଏନା	୪୨
ବାଟୋଇ	୪୪
ହଜିଲା ଧନ	୪୬
ହଜିଲା ଧନ	୪୯
ଭସା ବାଦଲ	୫୦
ବଞ୍ଚିବା'ର ମୋହ	୫୨
ପୂର୍ଣ୍ଣଗଭା	୫୪

Digitized by srujanika@gmail.com

ଆହ୍ୱାନ

ହେ ବସନ୍ତ
ଆସିଅଛ ବାସନ୍ତୀକୁ ନେଇ ।
ସାଜିଅଛ ଋତୁରାଜ
ମୁକୁଟଟି ନାହିଁ !
ପାରିଷଦ ବର୍ଗ ସର୍ବେ
ଆସନ୍ତି ଗୋଡାଇ ।
କୁମ୍ଭାଟୁଆ ଭାଟ ହୋଇ
ଯାଏ କହି କହି ।
ମଳୟ ଆସିଛି ସାଥେ
ଫଗୁଣକୁ ନେଇ ।
ଆମ୍ବ ବଉଳର ବାସ୍ନା
କମେ ରହ ରହି ।
ସଞ୍ଜୁଆ ବାଆ
ସୁଲୁ ସୁଲିଆ
ବହୁଛି ନଈକୂଳେ ।
ପବନ ମାରେ ଆଖି ମିଟିକା
ଆମ୍ବ ତୋଟାର ମାଳେ ।
ହଳଦୀ ବସନ୍ତ

Digitized by srujanika@gmail.com

ହଳଦୀ ମାଖି
ବସିଛି ଗଛ ଡାଳେ ।
ସ୍ୱାଗତ ସିଏ କରିବ ଆଜି
ରାଜା ଆସିବା ବେଳେ ।।
କଜଳପାତି ଡେଣା ମେଲେଇ
ଆସଇ ଧାଇଁ ଧାଇଁ
ରାଜା ଆସନ୍ତି
ରାଣୀଙ୍କୁ ନେଇ
ଯାଉଛି କହି କହି ।।
କୋଇଲିର କୁହୁତାନେ
ଚମକଇ ଧୀରା
ତଥାପି ରୌଦ୍ରତାପରେ
କାନ୍ଦୁଅଛି ଧରା ।

□□□

Digitized by srujanika@gmail.com

ନିଝୁମ୍ ରାତି

ନିଝୁମ୍ ରାତିରେ:-
ପୃଥିବୀ ଯେତେବେଳେ
ଶୋଇଯାଇଥାଏ
ମନ ମୋର ହୁଅଇ ଉଚ୍ଚାଟ
କାନ୍ଦିବି ମୁଁ ବାହୁନି ବାହୁନି
ହଜିଗଲା ମନ
ଆଉ ସରିଗଲା ଦିନ ।
ନିଝୁମ୍ ରାତିରେ-:
ଲାଗେ ମୋତେ ନିସ୍ତବ୍ଧ ନିସ୍ତବ୍ଧ
ମନକୁ ମୋ ଶୁଭେ ଖାଲି
ଝିଙ୍କାରିର ଚିଂ ଚିଂ ଶବ୍ଦ
ମନ ମୋର ଉଠଇ ବିଳପି
ଆପେ ଆପେ ହସ ଲିଭି
ବାହରଇ କାନ୍ଦ ।
ନିଝୁମ୍ ରାତିରେ-:
ଯେତେବେଳେ ସମସ୍ତେ ଶୋଇଥାନ୍ତି
ଶାନ୍ତିର ନିଦରେ
କିଏ ମୋର କହେ କାନେ

Digitized by srujanika@gmail.com

ହଳଦୀ ମାଖି
ବସିଛି ଗଛ ଡାଳେ।
ସ୍ୱାଗତ ସିଏ କରିବ ଆଜି
ରାଜା ଆସିବା ବେଳେ।।
କଜଳପାତି ଡେଣା ମେଲେଇ
ଆସଇ ଧାଇଁ ଧାଇଁ
ରାଜା ଆସନ୍ତି
ରାଣୀଙ୍କୁ ନେଇ
ଯାଉଛି କହି କହି।।
କୋଇଲିର କୁହୁତାନେ
ଚମକଇ ଧୀରା
ତଥାପି ରୌଦ୍ରତାପରେ
କାନ୍ଦୁଅଛି ଧରା।

□□□

Digitized by srujanika@gmail.com

ନିଝୁମ୍ ରାତି

ନିଝୁମ୍ ରାତିରେ:-
ପୃଥିବୀ ଯେତେବେଳେ
ଶୋଇଯାଇଥାଏ
ମନ ମୋର ହୁଅଇ ଉଚ୍ଚାଟ
କାନ୍ଦିବି ମୁଁ ବାହୁନି ବାହୁନି
ହଜିଗଲା ମନ
ଆଉ ସରିଗଲା ଦିନ।
ନିଝୁମ୍ ରାତିରେ-:
ଲାଗେ ମୋତେ ନିସ୍ତବ୍ଧ ନିସ୍ତବ୍ଧ
ମନକୁ ମୋ ଶୁଭେ ଖାଲି
ଝିଙ୍କାରିର ଚିଁ ଚିଁ ଶବ୍ଦ
ମନ ମୋର ଉଠଇ ବିଳପି
ଆପେ ଆପେ ହସ ଲିଭି
ବାହରଇ କାନ୍ଦ।
ନିଝୁମ୍ ରାତିରେ-:
ଯେତେବେଳେ ସମସ୍ତେ ଶୋଇଥାନ୍ତି
ଶାନ୍ତିର ନିଦରେ
କିଏ ମୋର କହେ କାନେ

ପୂର୍ଣ୍ଣଗଲା (୩)

Digitized by srujanika@gmail.com

ଜାଗି ରହ ଜାଗି ରହ
ଶୁଅ ନାହିଁ ଶୁଅ ନାହିଁ କେବେ
ଆସୁଛି ସେ ଦିନ
ଇଚ୍ଛାଥିଲେ ଚାହିଁଲେବି
ରହିବୁ ନୀରବେ
କର୍ମ ଓ କର୍ତ୍ତବ୍ୟ ସାରି
ଶୋଇଯିବୁ ସବୁଦିନ ଭବେ ।

□□□

Digitized by srujanika@gmail.com

ସାଉଁଟା

ହେ ବାଳ ଅରୁଣ
ତୁମେ ସାଜି'ଣ ତରୁଣ
ମାତା କୋଳୁ ଆସି ଧୀରେ ଧୀରେ
ନିଶି ଶେଷେ ଜାଳିଲ ଆଲୋକ
ତୁମେ ଧରଣୀ ବକ୍ଷରେ ।
ଦିନକର ପ୍ରଭାତରୁ
ଢାଳି ଦେଇ ଗଲ ତୁମେ କିରଣର ଧାରା ।
ତୁମ ଲାଗି ଚାରିଆଡ ଖୋଲି ଦେଇ
ମେଲି ଦିଏ ଧରଣୀ ପସରା ।।
ଚିରାଚରିତ ରୀତିରେ
ଯାତାୟତ ପଥେ ତୁମେ
ହସକୁରା ମୁଖ ନେଇ
ପ୍ରତିଦିନ ଯାଅ ଢଳି ଢଳି
ଧରଣୀର କେଉଁ ଦୋଷ ଦେଖି ଦିବସର ଶେଷେ ଭାଗେ
ଏତେ ଶୀଘ୍ର ହେଲ ଅସ୍ତମିତ
ତା' ଅଗଣା ଶୂନ୍ୟ ଏବେ ପଡିଅଛି ଖାଲି
ତୁମ ନାଲି ଓଠ ତଳୁ
ଖିଲି ଖିଲି ହସ ଦେଖି

ପୂର୍ବଗଣା (୫)

Digitized by srujanika@gmail.com

ଜାଗେ ମନେ ଅନେକ ସପନ ।
ଭିଜା ଭିଜା ଆଖିରେ ମୁଁ
ଆଙ୍କିଦିଏ ଅତୀତର ସ୍ମୃତି ସବୁ
ହୃଦୟ ମୋ ହୁଅଇ କମ୍ପନ ।
ଅଙ୍କା ମୋର ଲିଭିଗଲା
ସ୍ମୃତି ସବୁ ହଜିଗଲା
ହୃଦୟ ଝରକା ଗଲା ଖୋଲି
ଅତୀତକୁ ସାଉଁଟିଣ
ବସାଇଲି ମୋ ମନରେ
ତଥାପି ସେ ଚାଲିଗଲା
ମନର ଦୁଆର ମୋର
ହୋଇଗଲା ଖାଲି ।

□□□

Digitized by srujanika@gmail.com

ନୈରାଶ୍ୟ

ଜୀବନର ଶେଷ ନିଶି
ଅମା ଅନ୍ଧକାରେ
ଜାଳିଲ କିଏ ସଳିତା
ମୋ ମନର ନିର୍ବାଣ ଦୀପରେ।।
କିବା ଲାଭ ଢାଳି ତୈଳ
ଲିଭିଗଲା ପରେ
ସଳିତାର ବିନା କେବେ
ଦୀପିକାରେ ଅଗ୍ନିକଣା ଜଳେ
କେତେ ଦୂରୁ ଆସେ ଭାସି
ନିସ୍ତବ୍ଧର ସୁଉ ସୁଉ ଶବ୍ଦ
ଝିଙ୍କାରିର ଶବ୍ଦ ମିଶି
କାନକୁ ମୋ କରଇ ସ୍ତବ୍ଧ।।
ଅନ୍ଧାରର ଅନ୍ଧକାରେ
ହୁଏ ମୁଁ ବାଉଳା
ଦିଗହଜା ଚଢ଼େଇଟି ପରି
ଚାରିଆଡେ ହୁଏ ପିଟି
ଚାଲୁ ଚାଲୁ ପଡେ ଝୁଣ୍ଟି
ଆଲୋକକୁ ଅଣ୍ଡାଳି ଅଣ୍ଡାଳି।।

ପୂର୍ଣ୍ଣଚନ୍ଦ୍ରା (୭)

Digitized by srujanika@gmail.com

ଯେଉଁ ନିଆଁ ଜଳି ଜଳି
ଯାଏ ଲିଭି
ସେ'ତ କେବେ ଉଠେ ନାହିଁ ଜଳି
ସାଉଁଟିଲେ ପାଇବଟି
ସିନା ଖାଲି
ସଳିତାର ପାଉଁଶର ଝଳି ।।
କଳ କଳ ନାଦ କରି
ଯେଉଁ ନଈ ଯାଏ ବହି
ସେ'ତ କେବେ ଲେଉଟେନି ସୁଅ ପ୍ରତିକୂଳେ ।
ଭସାଇ ଦିଏ ଦୂନିଆ
ପ୍ରକୃତି ନିୟମ ଲଘି
ଯଦି କେବେ ବାଉଳାରେ ଫେରେ ।।
ନିଜ ବଡ ପଣ ଲାଗି
ଯେଉଁ କଥା ଯାଅ କହି
ଫେରେନି ସେ ଫେରନ୍ତା ବାଟରେ ।
ମନରେ ବାଜି ଆଘାତ
ହୃଦୟେ ବଢଇ କ୍ଷତ
ସେ'ତ କେବେ ଶୁଖେ ନାହିଁ
ଖୁସି ଆଞ୍ଜୁଳାରେ ।।
ସମସ୍ତ ବନ୍ଧନ କାଟି
ଯିଏ ଥରେ ଯାଏ ଚାଲି

Digitized by srujanika@gmail.com

କେବେ ହେଲେ ଆସେନି ସେ ଫେରି
ନିଜର କରିବା ଲାଗି
ଯାହାକୁ କର ଆପଣା
ଶତ ଚେଷ୍ଟା କଲେ ମଧ୍ୟ
ତୁମ ହାତ ସବୁ ବେଳେ ଖାଲି
ଚାରିପାଖ ଆଲୋକିତ କରି
ଛଳିଗଲା ସଳିତାଟି
ଲିଭିଗଲା ଦୀପ
ସବୁ ଅଛି କିଛି ପୁଣି ନାହିଁ
ଚତୁର୍ଦ୍ଦିଗ ଶୂନ୍ୟ ମୋର
କିଏ ମନେ ଆଣିଲା ସନ୍ତାପ ।।

ଠଠଠ

Digitized by srujanika@gmail.com

ନୀରବର ଭାଷା

ମୋ ମନର ଅଗଣାରେ
ରୂପା ଜରି ଦେଇ
ତିଆରିଲି ବେଦୀଟିଏ
ମନ ପ୍ରାଣ ଦେଇ ।।
ଭାବିଥିଲି ସଖୀ ତତେ
କହିବିରେ କେତେ କଥା
ପାଖରେ ବସାଇ ।।
ତା'ପୂର୍ବରୁ କାହିଁଗଲୁ ସଖୀ
ତତେ କିଏ ସତେ
ନେଲା କି' ଭୁଲାଇ ?
ତଥାପି - କରିଛି ଅପେକ୍ଷା
ଆଖିକୁ ମୋ ଦିଶୁନାହିଁ ଆଉ
ତୋ ଆସିବା ପଥ ଚାହିଁ ଚାହିଁ ।।
ଜୀବନର ଚଲାପଥେ
ଏତେ ଶୀଘ୍ର
ଗଲୁ ସଖୀ ଭୁଲି

ପୂର୍ଣ୍ଣଗର୍ଭା (୧୦)

Digitized by srujanika@gmail.com

ମୋ' ଆଦ୍ୟ ଫଗୁଣ ।
ତୋ ବାଙ୍କ ଚାହାଁଣୀ
ମୁହିଁ ଭୁଲି ନାହିଁ କିଛି
ତୋ କଥା ଚାତୁରୀ
ଆଉ ତୋ ହାତର
ଚୁଡ଼ି ରଣ ଝଣ
ଶୟନେ କି ଜାଗରଣେ ଅବା
ନିତି ପ୍ରତି ମନେ ପଡ଼େ ମୋର
ତୋ ପାଦର ରୁଣୁ ଝୁଣୁ ଶବ୍ଦ ।
ଆନ ବେଳେ ପଡ଼େ ମନେ
କଥା ପଦ ପଦକରେ
ତୋ'ର ରଷିବାର ଠାଣି
ଆଉ ସୁଉ ସୁଉ କାନ୍ଦ ।।
ହେ ମିତଣୀ
ଏତେ ବଡ଼
ଦଣ୍ଡ ଦେଲ
ଦେଖି କେଉଁ ଦୋଷ ମୋର
ତୋ' ମଧୁର ସ୍ୱରେ
ବାରେ ମାତ୍ର ଯାଆ କହି
ଆସି ମୋ କାନରେ ।।

ପୂର୍ଣ୍ଣଗର୍ଭା (୧୧)

Digitized by srujanika@gmail.com

ମୋ ମନରେ ଅଛି ଆଶା

ମୋ ଜୀବନ,

ଶେଷ ମୁହୂର୍ତ୍ତରେ

ଥରଟିଏ ଦେଖି

ବୀଣାଜିଣା

ବାଣୀ ଶୁଣି

ଭୁଲି ଯିବି ସବୁ ଦୁଃଖ

ତତେ ସଖୀ ଦେଖି ।

□□□

Digitized by srujanika@gmail.com

ଝଲସା

ଚନ୍ଦ୍ରମା ଏକ
ଚଂନ୍ଦନ ବିନ୍ଦୁ
ଆକାଶ ମଥା ପରେ ।
ଝଲସି ଉଠେ
ପୂଜାରୀ ଯେହ୍ନେ
ଠାକୁର ପୂଜା କରେ ।
ତମସା ଯେବେ
ଘନେଇ ଆସେ
ଧରଣୀ ବୁକୁ ପରେ ।
ଉକୁଟେ ଶଶୀ
ସେତିକି ବେଳେ
ଆକାଶ ମଥା ପରେ ।
ଆକାଶ ସାରା
ବିଛେଇ ଦିଏ
ଶୀତଳକର ରାଶି ।
କିରଣ ଢାଳେ
ଧରିତ୍ରୀ ପରେ
ଅନ୍ଧାର ଦିଏ ନାଶି ।

ପୂର୍ଣ୍ଣଗଡା (୧୩)

Digitized by srujanika@gmail.com

ଚନ୍ଦ୍ରମା ସାଙ୍ଗେ
ତରା ସଙ୍ଗେଇ
ଆକାଶ ଦିଶେ ପରୀ ।
ଚାନ୍ଦ ନ'ଥିଲେ
ଆକାଶ ଲାଗେ
ବିଧବା ନାରୀ ପରି ।
ଜୋଚ୍ଛନା ସାଙ୍ଗେ
କିଏ ସେ ଦେଲା
ଶୀତଳକର ସ୍ପର୍ଶ
ଦୁଃଖେ ମୁଁ ଥିଲେ
ତୋ' କର ବାଜି
ଉକୁଟେ ମୁଖେ ହସ ।

□□□

Digitized by srujanika@gmail.com

ବାଦଲ

ବାଦଲ ଭରା
ଆକାଶେ ଚାହିଁ
ଦେଖଇ ବସି ନିତି
ବାଦଲ ସବୁ ସାଙ୍ଗ ହୋଇଣ
ଖେଳନ୍ତି କିତି କିତି ।
କେବେ ମୁଁ ଦେଖେ
ସାଙ୍ଗ ହୋଇଣ
ଖେଳନ୍ତି ବୋହୂ ଚୋରି
ପୁଣି କେବେ ରୁମାଲ୍ ଚୋରି
ଖେଳନ୍ତି ଲୁଚକାଳି ।
ନୀଳିମା ଭରା
ଆକାଶେ ଚାହିଁ
ମୋ' ମନ ହଜିଯାଏ ।
ହେ ସ୍ରଷ୍ଟା ମୋତେ
ଭସେଇ ନିଅ
ମୁଁ ବାଦଲେ ମିଶି ଯାଏ ।
ପାପ ପଙ୍କରେ ପଦ୍ମ ଫୁଟୁ
ସରଗ ହେଉ ଧରଣୀ
ଦେବତ୍ୱ ପ୍ରାପ୍ତି ହେଉ ପୃଥିବୀ
ଚଳାଉ ତା'ର କରଣୀ ।।

❑❑❑

Digitized by srujanika@gmail.com

ଅଭିମାନ

ଏ ମନ ଉଛୁଳି ଯାଏ
ଏ ଦେହ ଉଛୁଳା ହୁଏ
ମନ ହୁଏ ବାଉଳା
ମନ'ତ ଅନେକ ଚାହେଁ
ସବୁ କ'ଣ ପାଇ ହୁଏ
ଭିତରଟା ଲାଗେ ଖାଲି କୋହଲା ।
ତଥାପି କରିଛି ଇଚ୍ଛା
ତୁମ ପାଖେ ବସି
ଲେଖିବି ମୁଁ ଅନେକ କବିତା
ତୁମ ଓଠୁ ଝରୁଥିବ
ମତେ ଖାଲି କହୁଥିବ
ଅନାବନା ମହୁ ସମ କଥା ।।
ତୁମ କଥା ସରୁ ସରୁ
କଲମର ମୁନ ମୋର
ଚାଲୁଥିବ ଅଙ୍କେଇ ବଙ୍କେଇ ।
କାଗଜର ପୃଷ୍ଠା ସବୁ କରିବ ମଣ୍ଡନ
ଧୀରେ ଧୀର ଲେଖା ସବୁ
ଝରେଇ ଝରେଇ ।।

ପୂର୍ଣ୍ଣଗର୍ଭା (୧୬)

Digitized by srujanika@gmail.com

ତୁମେତ ଶୁଣନା କିଛି
ତୁମେତ ବୁଝନା କିଛି
ମୋ ପାଖରୁ ଉଠିଯାଅ
କରିଣ ଅନେକ ବାହାନା
ସୁଦୃଢ ହୁଏ ମୋ ମନ
ନିଶ୍ଚୟ ଲେଖିବି ବସି
ତୁମ ପାଶେ ପାଶେ ରହି
ନ' ମାନିବି
କେବେ ତୁମ ମନା ।।

□□□

Digitized by srujanika@gmail.com

ଫେରନ୍ତା ଢେଉ

କଳପନା ରାଇଜରେ
ବୁଲୁଥିଲି ଏକାକିନୀ ହୋଇ।
କିଏ ତୁମେ ଅଜଣା ହେ
ପାତିଲ ଆସନ
ଜାଣି ପାରୁ ନାହିଁ।।
ମୋ ମନର ବଗିଚାରେ
ଫୁଟୁଥିଲା କେଉଁ କାଳୁ ଆଶାର କଳିକା
ଅଜାଣତେ ଜଳୁଥିଲା
ହୃଦୟ ମନ୍ଦିରେ ମୋ
ଅନେକ ଦୀପାଳି ମାଳିକା।
କିଏ ତୁମେ ଛିଣ୍ଡାଇଣ
ଫିଙ୍ଗି ଦେଲ
ମେଲି ହୋଇ ଆସୁଥିବା ପାଖୁଡାର କଢି।
ଫୁଙ୍କି କରି ଲିଭାଇଲ
ଦିପାଳୀ'ଙ୍କୁ
ଲାଜ ପାଇ ସଳିତା ଯେ
ପଡେ ଝଡି ଝଡି।।

ପୂର୍ଣ୍ଣଗଭା (୧୮)

Digitized by srujanika@gmail.com

ଅନେକ ଦିନରୁ ଯିଏ
ଜଗିଅଛି
ମୋ ଦେହରୁ ଟୋପି ଟୋପି ଲୁହ
ଆଉ ଟୋପା ଟୋପା ଲହୁ ।
ଜାଗିଅଛି ମନେ ତା'ର
କରିବ ନିଜର
କାହାକୁ ସେ ଦେବ ନାହିଁ
ନିଜେ ଥାଉ ଥାଉ ।।
ଫେରିଯାଅ ପଛକୁ
ଅଜଣା'ହେ
ଯେଉଁ ଦେଶୁ ଆସିଅଛ ତୁମେ ।
ସନମାନ କର ତା'ର
ଭଲ ପାଇବାକୁ
ଭାଙ୍ଗିଯିବ ମନ ତା'ର
ଅନା[illegible]ସେ ଭ୍ରମେ ।।

❑❑❑

Digitized by srujanika@gmail.com

ଚତୁର୍ଥ ପ୍ରହରୀ

ହାତେ ଏକ ବାଡି ଧରି
ଚାଲୁଅଛ ଧିରି ଧିରି
ଏ ବୃଦ୍ଧ ବୟସେ ତୁମେ
ପଡୁନ'ତ ଟଳି ।
ମୁହଁ ସଦା ହସ ହସ
ଦୁଃଖ ମାତ୍ର ନାହିଁ ଲେଶ
ମନରେ ବାନ୍ଧି ସାହାସ
ଚାଲ ଢଳି ଢଳି ।।
କେବେ ତୁମ ପାଖେ ଆସି
ବାଡି ଦିଏ
ସମ୍ଭ୍ରମେ ପ୍ରଣତି
ଢାଳି ଦିଅ ମୋ ଉପରେ
ଆଶୀର୍ବାଦ ବାରି ।
ବସେ ଯେବେ ପାଖେ ତୁମ
ଭାବର ଆଦାନ ପ୍ରଦାନେ
ଖେଳେ ମୋର ଚାରିପଟେ
ଜ୍ଞାନର ଭଉଁରୀ ।।
ଚତୁର୍ଦ୍ଦିଗେ ବ୍ୟାପେ ଯା'ର
ଜ୍ଞାନର ପ୍ରତିଭା

Digitized by srujanika@gmail.com

ମୁହିଁ ଛାର ଅବା ତାକୁ ପାରିବି କି କଳି।
ସମସ୍ତଙ୍କୁ ଦିଅ ଉପଦେଶ
କଥାର ଲାଳିତ୍ୟ ସଙ୍ଗେ
କହିବାର ଭାଷା ଆଉ ଉଗ୍ରତା'ର ବଳି।।
ଆଶୀର୍ବାଦ ସାଉଁଟିଣ
ରଖିବି ସାଇତି
ଈଶ୍ୱରଙ୍କ ଦରବାରେ ଦେବେ,
ଯେବେ ମୋତେ ପଡିବ ପ୍ରମାଦ।
ଦେବେ ଯେଉଁ ଉପଦେଶ-
ସେ ହେବ ମୋର ନିଜସ୍ୱ
ଭିନ୍ନ ଭିନ୍ନ ସମୟରେ
ଦେବ ମୋତେ ଭିନ୍ନ ଭିନ୍ନ ସ୍ୱାଦ।।
ଦେଖି ମୋତେ ଖୁସି ଲାଗେ
ଆଚାର୍ଯ୍ୟଙ୍କ ବେଶେ ଆସି
ଜନ ସେବା କର ତୁମେ
ସ୍ୱାର୍ଥ ଦେଇ ବଳି।
ହେ ଆଚାର୍ଯ୍ୟ କରୁଛି ମିନତୀ
ଜନ ସମୁଦ୍ରରେ ଯେବେ
ଯାଅ କେବେ ଭାସି
ଅକିଞ୍ଚନେ ରଖିଥିବ ମନେ
ଯିବ ନାହିଁ ଭୁଲି।।

□□□

Digitized by srujanika@gmail.com

ହେ ମହାତ୍ମା

ହେ ମହାତ୍ମା
କିଏ ତୁମେ
କେଉଁ ଦେଶୁ ଆସି
ନିଶ୍ଚଳ ହୋଇ ବସିଛ
ଭେକ ତୁମ ଋଷି ।।
ଆଖି ବୁଜି ବସିଅଛ ଶୁଭୁନାହିଁ ଭାଷା
କିବା ତୁମେ ମୁନିବେଶେ
କରୁଛ ତପସ୍ୟା ।
ତୁମକୁ ଦେଖିଲେ
ହୁଏ ଭାବ ପ୍ରବଣତା ।
ଅସ୍ଥିର ମନେ
ଆସିବ ନିଶ୍ଚେ ଏକାଗ୍ରତା ।।
ତୁମର ବସିବା ଠାଣି
ଉର୍ଦ୍ଧ୍ୱେ ଟେକି ମଥା ।
ଦୂରୁ ଦେଖି ଭକ୍ତିଭରେ
ନଇଁଯାଏ ମଥା ।।
ମନ ଗନ୍ତାଘରେ
ଥିବା ଯନ୍ତ୍ରଣା ପେଡିକି

Digitized by srujanika@gmail.com

ଆଶା ନେଇ ପାଖେ ବସେ
ତୁମେକି ଶୁଣିବ
ତୁମ ସମସ୍ତ ଇନ୍ଦ୍ରିୟ
ହୋଇଛି ଅଚଳ
ଧ୍ୟାନେ ଧୀରେ ହୋଇ ଲୟ ।।
ଯେତେ ଦୂରୁ ଦେଖେ
ଲାଗେ ପାଖେ ଥିଲା ପରି ।
ଯେତେ ଯେତେ ପାଖ ହୁଏ
ଘୁଞ୍ଚିଯାଅ ଖାଲି ।।
କେତେବେଳେ ଦିଶ ତୁମେ
ଦିଗ୍‌ବଳୟ ପରେ ।
କେତେବେଳେ ଯାଅ ମିଶି
ବାଦଲଙ୍କ ମେଳେ ।।
ଯିଏ ତୁମ ପଥେ ଯାଏ
ଫେରନ୍ତି ସେଠାରୁ
ନ'ଘୁଞ୍ଚଟି ତିଳେ ମାତ୍ର
ତୁମର ସ୍ଥାନରୁ ।।
ଶୁଣିଥିଲି ବହୁ ପୂର୍ବେ
ମନେ ଗର୍ବ ବହି
କାୟା ବିସ୍ତାର କରିଲ
ଆକାଶକୁ ଛୁଇଁ ।।

Digitized by srujanika@gmail.com

ବ୍ରହ୍ମା ବିଷ୍ଣୁ ମହେଶ୍ୱର
ହାରିଗଲେ ଯହୁଁ।
(ଗୁରୁ) ଦୁର୍ବାସାଙ୍କୁ ଦେଖି
ମଥାନତ କଲ ତହୁଁ।।
କହିବକି ସୁଧିଜନେ
କିଏ ଏହି ମହାନ୍ ପୁରୁଷ ?
କହିଲେ ବଢିବ ତୁମ ଯଶ ପଉରୁଷ।।

❑❑❑

Digitized by srujanika@gmail.com

ଅନ୍ତଃସ୍ୱର

ଆଖିର ଲୁହକୁ
ସାଇତି ରଖି ମୁଁ
ଖେଳାଏ ଓଠରେ ହସ
କେବେ ବି ଖୋଜିନି ସ୍ମୃତିର ପଠାରୁ
ଫଗୁଣର ମଧୁମାସ ।
ଜଳି ଜଳି ଯାଏ
ବ୍ୟଥାର ସଳିତା
ମରମକୁ ଭେଦେ ମୋର ।
କେବେ କେ ଦେଖିନି
ଆଖି'ର କୋଣରେ
ଚୋପାଏ ଲୁହର ଧାର ।।
ଭିତରେ ଭିତରେ
ନିଃଶେଷ ହୋଇଛି
ଉଦାସୀ ପଣକୁ ନେଇ ।
କାହାରି ମନରେ ଦେବି ନାହିଁ ଦୁଃଖ
ଭାବନାଟି ମନେ ନେଇ ।।
ଉପକାର କେବେ କରେଚି ଯାହା'ର
ଓଲଟା ଜବାବ୍ ପାଏ
ଭଲ ପାଇବାର ଛଳନା କରେନା

Digitized by srujanika@gmail.com

ଧୋକ୍‌କା ପଛେ ଖାଉଥାଏ ।।
ଅନ୍ତିମ ସମୟେ ଜଳଇ ଯେ ଯୁଇ
ସମୟର ସୀମା ଥାଏ
ଯନ୍ତଣାର ଯୁଇ ଅନ୍ତର ଦଗ୍‌ଧେ ସେ
ନିର୍ବାପିତ କେବେ ନୁହେଁ ।
ଅଙ୍କି ମୁଁ କରିନି
ଦବା ପାଇଁ ମୋତେ
ଭୋଗ ବିଳାସର ମନ
ଯାଚିକରି କେହି ଦେଇନାହଁ ମୋତେ
ମୋର ଇପ୍‌ସିତ ଧନ ।।
ଅଧିକାର କେବେ
ସାବ୍ୟସ୍ତ କରିନି
ନିଜର ଦରବ ମଣି ।
ସବୁରି ମନରେ
ଭରିଛି ମୁଁ ଖୁସି
ସୁଖର ମହକ ବୁଣି ।।
ପଥର ପଥିକ
କି ବୁଝିବ ଦୁଃଖ
ଗନ୍ତବ୍ୟ ସ୍ଥଳ ତା' ଲକ୍ଷ୍ୟ ।
ଲାଭ ନାହିଁ କିଛି
ବଖାଣି ତା' ଆଗେ
ପାଲଟିଯିବ ସେ ମୂକ ।।

❑❑❑

Digitized by srujanika@gmail.com

ଉପେକ୍ଷିତ

ସ୍ରୋତସ୍ୱିନୀ ନଈଟିଏ
ବହିଗଲା ପରି
ନାରୀଟି'ଏ ଭାସିଯାଏ
ସମୟ ସ୍ରୋତରେ ।
ନଦୀ ପଥେ
ଖାଲ ଢିପ
ଆସେ କେତେ ମୋଡ
ଭାସଯାଏ କାଠି କୁଟା
ଜୀବଜନ୍ତୁ ସହ ।
ନାରୀର ଗତିପଥରେ
ଅଚାନକ ବହେ ଝଡଝଞ୍ଜା
ଆସେ କେତେ ଘାତ ପ୍ରତିଘାତ
ଧୋକ୍‌କା ପ୍ରତାରଣା ସହ ।
ସଂସାରର ଖୁସି ପାଇଁ
ନିତି ଯୁଦ୍ଧ କରୁଥାଏ
ମନ ଆଉ ବିବେକ ସାଙ୍ଗରେ ।
ନିଜ ଲହୁ ପିଉଥାଏ

Digitized by srujanika@gmail.com

ଦ୍ରଉପଦୀ ପରି
ଲୁଚକାଳି ଖେଳୁଥାଏ ଛାଇର ସାଙ୍ଗରେ।
ଶରଶଯ୍ୟା କରେ ନିତି
ଯୁଦ୍ଧ ଶେଷେ
ନିଜ ପଥ କରି କଣ୍ଟକିତ
ଯେତେ ସବୁ ମାନ ଅପମାନ
ସମସ୍ତଙ୍କୁ ଏକାକାର କରି
ଭୀଷ୍ମ ପରି ସହିଯାଏ ସେ'ତ।
ଭଲମନ୍ଦ ଦୁଃଖ ସୁଖ
ବୁଝୁଥାଏ ନିତି ସଭିଙ୍କର
ବୁଝିବାକୁ ତାକୁ କେହି ନାହିଁ-
ପର ଲୋକ ଆପଣାର କରି
ସମସ୍ତଙ୍କ ଭଲ ପାଇଁ କୁହେ
କହିବାକୁ ତାକୁ କେହି ନାହିଁ।
ଧରିତ୍ରୀର ଉଷ୍ମ କୋଳରେ
ନାରୀଟିଏ ସୃଷ୍ଟି କରି ପ୍ରଭୁ
ହୃଦୟକୁ କର ବିଦାରିତ
ଅଭିଶପ୍ତ ହୋଇ ମଧ୍ୟ
ସମସ୍ତଙ୍କୁ ଭଲ ପାଏ ସିଏ
ତଥାପି ସେ ହୁଏ ଉପେକ୍ଷିତ।

□□□

ପୂର୍ଣ୍ଣଗର୍ଭା (୨୮)

Digitized by srujanika@gmail.com

କୁହୁଡି

ମୋ ମନର ଚଟାଣରେ
ଯେତେ ଛବି ଆଙ୍କେ ସବୁ ଦିନ
ମୋ ମନର ଦର୍ପଣରେ
ଯେତେ ଛବି ଦେଖେ ପ୍ରତିଦିନ ।
ଅତୀତକୁ ଯାଏ ମୁହିଁ ଚାଲି
ଫେରି ଆସେ ଝଅଟ ଝଅଟ
ଅତୀତକୁ ଭୁଲିଯିବା ପାଇଁ
ନିତି କିଏ ମାରେ ମୋତେ ଛାଟ ।
କେହି ମୋତେ କହେ ନାହିଁ କିଛି
ମନ ମୋର ହୁଏ ବିଚଳିତ
ପଛ କଥା ଘାଣ୍ଟି ହୁଏ ଖାଲି
ହୃଦୟ ମୋ ହୁଏ ବିଗଳିତ ।
ଫୋପାଡି ଦିଏ ମୁଁ ତା'କୁ
ମୋ' ମନକୁ କରିବାକୁ ଖାଲି
ତଥାପି ସେ ଧସି ପଶି ଆସେ
ହୃଦୟର ଝରକାକୁ ଦିଏ ମୋର ଠେଲି ।
ଅତୀତର ଯେତେ ସ୍ମୃତି
ରଖିଛି ମୁଁ ସାଉଁଟି ସାଉଁଟି

Digitized by srujanika@gmail.com

ଭବିଷ୍ୟତ କୁହୁଡିରେ
ଧୀରେ ଧୀରେ ଯିବ ସିନା କଟି ।।
ବୁଝେନା ଏ ମନ ମୋର
ଭାବନାର ଦୁଆରକୁ ଦେଇଅଛି ଖୋଲି
ଯାଆ ଆସ ବାତାୟନ ପଥେ
ତା'ବାଟରେ ଯିବ ସିଏ ଚାଲି ।।

ପୂର୍ଣ୍ଣଗନ୍ଧା (୩୦)

Digitized by srujanika@gmail.com

ପ୍ରତୀକ୍ଷା

ଅପେକ୍ଷା ଅପେକ୍ଷା ଅପେକ୍ଷା
ଜାଣେନା ମୁଁ ଦିନ ଦିନ ମାସ ମାସ
ବର୍ଷ ବର୍ଷ ଧରି
କାହାକୁ ମୁଁ କରିଛି ଅପେକ୍ଷା ।
ଚତୁର୍ଦ୍ଦିଗେ ଘୂରେ ଆଖି
ଚାହିଁ ରହେ ସୁଦୂର ଆକାଶେ
ସତେ କିଏ ଆସିବକି
କାହାକୁ ମୁଁ କରିଛି ପ୍ରତୀକ୍ଷା ?
ଲାଗେ ମତେ ଆସେ କିଏ
ଭିଜି ଭିଜି ପହିଲି ଆଷାଢେ
ଆଉ ଧାରା ଶ୍ରାବଣରେ
ପୁଣି ଆସ
ଫଗୁଣର ମଳୟ ସାଜି
ବସନ୍ତର ରଙ୍ଗ ବୋଳି
ଦିଅ ମୋ ଦେହରେ ।
ହେମନ୍ତର ପାଦ ଥାପି
ଆସ ଥିରିଥିରି
ଲୁଚି ଯାଅ କେବେ ପୁଣି ଜାଡୁଆ ଶୀତରେ ।।

ପୂର୍ଣ୍ଣଗର୍ଭା (୩୧)

Digitized by srujanika@gmail.com

ଖୋଜି ଖୋଜି ଦେଖେ ମୁଁ ତୁମକୁ
ଅପସରି ଯାଅ ତୁମେ
ସିଝି ସିଝି ତପ୍ତ ବୈଶାଖୀରେ ।।
ତଥାପି ମୁଁ କରିଛି ଅପେକ୍ଷା
ତୁମ ଆଗମନୀ ଗୀତ
ବାଜେ ମୋର କର୍ଣ୍ଣ ଗହ୍ୱରରେ
ତୁମକୁ ମୁଁ କରିଛି ପ୍ରତୀକ୍ଷା ।।

ଦଦଦ

Digitized by srujanika@gmail.com

ଦର୍ଦ୍ଦ

ଛାତିରେ ରଖି ଦରଦ କେତେ
ଯାପିଲି ଦିବା ନିଶି
ଅନେକ କୋହ ମନରେ ଚାପି
ବସିଲି ପାଖେ ହସି ।
ଅନ୍ତର ଭେଦି ଫିଟଇ ଯେବେ
ଦରଜ ଲାଗେ ଦେହ
ଆଖିର ଲୁହ ମାନେନି ମନା
ସିକ୍ତ କରେ ମୁହଁ ।
ମନକୁ ଆସେ ମୋହ ମାୟାର
ସଂସାର ସିନା
ଅଟଇ ସବୁ ମିଛ ।
ମୂଲ୍ୟହୀନ ଏ ମାଟି ଶରୀର
ଲାଗଇ ସବୁ ତୁଛ ।
ସବୁ ଭିତରେ ମମତା ଯେବେ
ଉଠଇ ମନେ ଜାଗି ।
ଭୁଲାଇ ଦିଏ ଦୁଃଖ ଦରଦ
ପାରେନା କେବେ ରାଗି ।।

❑❑❑

Digitized by srujanika@gmail.com

ଚଲାପଥେ

ନଈଟିଏ ଯାଉଥିଲା ବହି
ପାଖେ ତା'ର ଠିଆ ହେଲି ମୁହିଁ
ପଚାରିଲି ମନ୍ଦ ମନ୍ଦ ସ୍ୱରେ ।
ତରତରେ ଯାଉଅଛୁ କାହିଁ
କାହା ସଙ୍ଗେ ଭେଟିବୁକି ଆଜି
ପାଟିରୁ ତୋ ବଚନ ନ ସ୍ଫୁରେ ।
ଯାଉ ଯାଉ କହେଟି ତଟିନୀ
ସାଗର ଯେ କରିଛି ଅପେକ୍ଷା
ମନ ତା'ର ମିଶିବ ସାଙ୍ଗରେ ।
ଖରତରେ ଧାଉଁଅଛି ଯେତେ
ଗତିପଥ ହୁଏ ମୋ' ଶିଥିଳ
ଗଛ ଭାଙ୍ଗି ପଡିଛି ବାଟରେ ।
କେତେ କଷ୍ଟେ ଭୂମି ଚିରି ହୋଇଥିଲା ଠିଆ
ଅଦିନେ ଆସିଲା କାହୁଁ ସେ ବତାସ ବାଆ
ତଳେ ପଡି ମିଶିଗଲା ସେ ମାଟି ସାଙ୍ଗରେ ।
ଗଛର ଦୁର୍ଦ୍ଦଶା ଦେଖି କାନ୍ଦେ ମାଟି ମାଆ
ମରିବାଟା ସତ ଯଦି ଜନ୍ମ ହେଲା କିଆଁ
କାନ୍ଦି କାନ୍ଦି ଲୋଟି ପଡେ ନିଜର ବକ୍ଷରେ ।

ପୂର୍ଣ୍ଣଗରା (୩୪)

Digitized by srujanika@gmail.com

(ମତା) ଲୋଟୁଥିବା ଗଛ ଦେଖି କହେ ମନେ ମନେ
କିଏ ସେ ଆସିବ କାଟି ଏ ଘୋର ଦୁର୍ଦ୍ଦିନେ
ମର୍ମେ ମର୍ମେ ଭାଙ୍ଗି ପଡେ ଅସହ୍ୟ ଦୁଃଖରେ ।।
ମାଟିର କାନ୍ଦରେ ନଈ ହୋଇଣ ଚକିତ
ଜନମ ମରଣ ସିନା ଚିରନ୍ତନ ସତ୍ୟ
ସମ ଭାବେ ଦୁଃଖି ହେଲା ଧରଣୀ ଦୁଃଖରେ ।।
କିଛି କ୍ଷଣେ ଚାହିଁ ଦେଖେ ପିଲାଟି କାନ୍ଦୁଛି
ଏଣେ ତେଣେ ଚାହେଁ ଖାଲି ନ'ବୁଝିଣ କିଛି
ବୁଝାଇଲା ନଈ ତା'କୁ ନିଜର ଭାଷାରେ ।।
ମରିଗଲା ମନ କିଆଁ ଲିଭିଗଲା ନ୍ରସ
ଛିଡା ହୋଇ ଦେଖୁଥାଅ ପ୍ରାକୃତିକ ଦୃଶ୍ୟ
ଦେଖି ଦେଖି ଭାସିଯିବ ସମୟ ସ୍ରୋତରେ ।।
ଯିବି ମୁହିଁ ଧନ ପରା ବହୁ ଦୂର ବାଟ
ମନ ମୋର ହେଲାଣି ଉଚ୍ଚାଟ
ଯାଉଅଛି ବହି ମୁହିଁ ମୋ ଚଲା ପଥରେ ।।

□□□

Digitized by srujanika@gmail.com

ସରଗ ନାନୀ

ସରଗ ନାନୀ ଲୋ' ସରଗ ନାନୀ
ତୋ କାନକୁ ଆଜି କିଛି ଶୁଭୁନି
ନେଳିଆ ଶାଢୀ ତୋ ସାଇତି ଦେ'
କଳା ଶାଢୀ ଖଣ୍ଡ ପାଲଟି ନେ।
ବରଷା ରାଣୀକୁ ବସାଇ ଦେ
ତୋ ପୁଅ ଝିଅଙ୍କୁ ଲୁଚେଇ ଦେ।
ବରଷା ରାଣୀଟି ବଡ ଚଗଲି
ଚାହୁଁ ଚାହୁଁ ସେ'ତ ଯାଏ ବଦଳି
ସାଙ୍ଗେ ଘଡ ଘଡି ବିଜୁଳି ଧରି
ଧରଣୀ ଉପରେ ପଡେ ଉଛୁଳି।
ବିଜୁଳି ନାନୀ'ର ମୁରୁକି ହସା
ଦେଖି ନାହୁଁ କିଲୋ ସରଗ ଅପା।
ଘଡ ଘଡି ନନା ଧୁମୁସା ପିଟେ
କାନରୁ ଅତଡା ଖସୁଛି ଠିକେ।
କଳା ବାଦଲଟା ପଡିଛି ଖସି
ପୃଥିବୀରେ ମେଘ ଯାଏ ବରଷି।
ତୋର ବଡ଼ ପୁଅ ସୁରୁଜ ଭାଇ

ପୂର୍ଣ୍ଣଗଭା (୩୬)

Digitized by srujanika@gmail.com

ଘରକୁ ପଳାଏ ଛାନିଆ ହୋଇ।
ତୋର ସାନ ପୁଅ ଛହ୍ମ ମାମୁଁଟା
ବଡ ଲାଜୁକୁଳା ମୁହଁ ମୋଟାଟା
କୁଆଡେ ଯାଇଛି ରାତିରୁ କାଲି
ଆଜି ଏତେବେଳ ହେଲା ଆସିନି।
ତାରା ଅପା ତା'ର ବାଟକୁ ଚାହିଁ
ଘୋଡି ଘାଡି ହୋଇ ପଡିଛି ଶୋଇ
ବା' ବତାସର ରୂପକୁ ଦେଖି
ପକ୍ଷୀ ମାନେ ନୀଡେ ପଡନ୍ତି ଯାକି
ପୁର ପଲ୍ଲୀ ଲୋକେ ଦେଖିଣ ଡରେ
ପଳାଇ ପଶିଣ ଲୁଚନ୍ତି ଘରେ।।

❑❑❑

Digitized by srujanika@gmail.com

ପ୍ରଶ୍ନ

ନୀଳ ଆକାଶ ତଳେ ତଳେ
ବାଦଲ ଯାଏ ଭାସି ।
ବାଦଲ ସାଙ୍ଗେ ଲୁଚିଲୁଚିକା
ଖେଳଇ ଧୀରେ ଶଶୀ ।।
ଶଶୀକି ଦେଖି ମାରନ୍ତି ଉଙ୍କି
ବାଦଲ ପଛେ ତାରା
ତାରାଙ୍କ ଖେଳ ଦେଖି ଦେଖିକା
ବାଦଲ ଢାଳେ ନୀରା ।।
ପ୍ରକୃତି ରୂପ ଦେଖି ଦେଖିକା
ମନରେ ବାନ୍ଧେ ବସା ।
ନଇରାଶ'ର ଅନ୍ଧକାରେ
ଆଲୋକ ଜାଳେ ଆଶା ।।
ହେ ସ୍ରଷ୍ଟା ତୁମ ସୃଷ୍ଟିକି ଦେଖି
ପ୍ରଶ୍ନ ଆସେ ମନେ
କହିବ ମୋତେ ଭାବି ଭାବିକା
ଉତ୍ତର ଦେବ ଦିନେ ।।
ଘର ବାହାର ଦୁନିଆ ଦେଖି
ମନରେ ଉଠେ ଜାଗି

ପୂର୍ଣ୍ଣଗରା (୩୮)

Digitized by srujanika@gmail.com

କାହାର ମନ ସଜାଅ ଫୁଲେ
କା' ମନ ଦିଅ ଭାଙ୍ଗି ।।
ଏ କୂଳେ କିଏ କାନ୍ଦୁଛି ବସି
ସେ କୂଳେ କିଏ ହସେ ।
କାହାକୁ ତୁମେ କର ଫକୀର
କେ ସିଂହାସନେ ବସେ ।।
କେ ଖାଏ ବସି ଖିରି ଅମାଲୁ
କେ ଖାଏ ଶୁଖା ରୁଟି ।
କାହାକୁ ତୁମେ ଲଣ୍ଡା କରାଅ
କା' ମାଥେ ରଖ ଚୁଟି ।।
ହେ ସ୍ରଷ୍ଟା ତୁମ ପାଖରେ ପରା
ନାହିଁ ଟି ବଡ ସାନ ।
କି ଦୋଷ କଲେ ତୁମ ପାଖରେ
ନ'ହେଲେ କେହି ସମାନ ।।

ooo

Digitized by srujanika@gmail.com

ଅବୁଝା ମନ

ଖିଡିକି ବାଙ୍କେ
ପରଦା ଫାଙ୍କେ
ମଳୟ ଆସେ ଲୁଚି,
କୋକିଳା ନାନୀ ଗୀତଟେ ଗାଇ
ଗଛେ ଖେଳୁଛି ପୁଚି ।।
ଫଗୁଣ ସାଙ୍ଗେ ମଳୟ ଆସେ
ବାଇଦ ବାଇ ବାଇ,
ଫୁଲରୁ ଫୁଲ ଉଡି ଉଡିକା
ଭ୍ରମର ଯାଏ କହି ।।
ପଦୁଅଁ ନାନୀ ମୁରୁକି ହସେ
ସୁରୁଜ ଆଡେ ଚାହିଁ ।
ଶଶୀ ଆଗମେ
କୁମୁଦ ଧନୀ
ସରମେ ଯାଏ ରହି ।।
ରାତି ପାହିଲେ ସୁରୁଯ ଆସେ
ସୁନା ରଥରେ ଚଢି ।
ସୁରୁଯ ଯେବେ ଘରକୁ ଫେରେ
ଅନ୍ଧାର ଆସେ ମାଡି ।।

ପୂର୍ଣ୍ଣଗଡା (୪୦)

Digitized by srujanika@gmail.com

ଆକାଶେ ଉଇଁ ଆସଇ ଜହ୍ନ
କିରଣ ସଙ୍ଗେ ତାରା ।
ଅନ୍ଧାର ଚିରି ଉଜ୍ଜ୍ୱଳ ଦିଶେ
ହସି ଉଠଇ ଧରା ।।
ପବନେ ଧାଇଁ
ଗଗନେ ଉଡେ
ମୋ ମନ କେତେ ଦୂରେ ।
ଅବୁଝା ମନ
ବୁଝେନା କାହିଁ
ପଛକୁ ପୁଣି ଫେରେ ।।

ଘଘଘ

Digitized by srujanika@gmail.com

ଭୁଲି ହୁଏନା

ବନ୍ଧୁ ହେ ତୁମେ
ଚାଲିଗଲ
କାହିଁ କେତେ ଦୂରେ
ଦରଦୀ ବନ୍ଧୁଟି ଖୋଜୁଛି ତୁମକୁ ।
ଦିନର ଆଲୋକରେ
ରାତ୍ରିର ଅନ୍ଧକାରରେ
ନିରୋଳା ମୁହୂର୍ତ୍ତରେ
ଦେଖୁ ଅଛି ତୁମରି ଛବିକୁ ।।
କହିଲନି ପଦେ କଥା
ଏତେ ଶୀଘ୍ର
ଗଲ ତୁମେ ଚାଲି ।
ମିଛଟାରେ
ସବୁବେଳେ କହୁଥିଲ
ଘରେ ଆସି ଯାଅ ଟିକେ ବୁଲି ।।
ଏବେ ବି ମନେ ପଡେ
ସାଙ୍ଗ ମେଳେ
ହୋଇ ହସ ହସ ।
ଶୁଣୁ ଥାଅ

Digitized by srujanika@gmail.com

ତା'ଆ ଠାରୁ
ଗୁଳି ଆଉ ଥଟା ପରିହାସ।।
ଆଖି ତା'ର
ହୁଏ ଛଳଛଳ
ବୁକୁ ତା'ର ଉଠଇ ଦୋହଲି
ଗ୍ରହଣ ସେ ପାରୁ ନାହିଁ କରି
ମନ ତା'ର ଉଠଇ କୋହରି।
ଜୀବନରେ ହେବନାହିଁ ଦେଖା
କେବେ ହେଲେ ଆଉ।
ପଛ କଥା ମନେ ପଡି ସଖା
ହୃଦୟଟା ହୁଏ ହାଉ ଯାଉ।
ଶ୍ୱେତ ବସ୍ତ୍ର ପରିହିତା
ସଖୀଙ୍କର ଦେହ।
ଦେହେ ନାହିଁ ଅଳଙ୍କାର
କାନ୍ଦ କାନ୍ଦ ମୁହଁ।
ବେଶୀ ଆଜି ପଡୁଅଛ ମନେ
ତୁମକୁ ସେ ଭୁଲି ପାରୁନାହିଁ।
ତୁମ ଡାକ
ଶୁଭୁଛି ତା' କାନେ
ତୁମ ସଖୀଙ୍କୁ ସେ ଚାହିଁ ପାରୁ ନାହିଁ।

□□□

Digitized by srujanika@gmail.com

ବାଟୋଇ

ରହିଯା'ରେ ବାଟୋଇ ତୁ
ପଡିଲୁଣି ଥକି
ଦଣ୍ଡେ ମାତ୍ର ଛିଡା ହୋଇ
ଥକ୍କା ମାରି ଯିବୁ ତୁ ଚାଲିକି ।।
ଚଞ୍ଚଳ ମନ ତୋହର
ହୁଏ ହାଇଁ ପାଇଁ ।
ତର ତର ହୋଇ ଧାଉଁ
ଲକ୍ଷ୍ୟ ସ୍ଥଳେ ପହଁଚିବା ପାଇଁ ।।
ଚାଲି ଚାଲି ଯିବୁ ପରା
କାହିଁ କେତେ ଦୂର ।
ଚଲାପଥ ନୁହେଁ'ତ ସୁଗମ
ସେ'ତ ପରା ଅଟଇ ବନ୍ଧୁର ।।
ପଥେ ବସି ଭୋକଶୋଷ ମେଣ୍ଟାଇ'ତୁ
ଯାଆ ଧୀରେ ଧୀରେ ।
ପାଖେ ତୋର କେହି ନାହିଁ
କହିବାକୁ ଆହା ବୋଲି ଥରେ ।।
ଖାଇ ଡିପ ନଈ ନାଳ
ପାହାଡ ଝରଣା ।
ବାଟେ ତୋ'ର ପଡିବଟି
ବୁଦ୍ଧି ହେବ ବଣା ।।
କିଏ ତୋତେ

Digitized by srujanika@gmail.com

ଦେଖାଇବ ପଥ
ହେଲେ ତୁ ବାଉଳା ।
ହସ ହସ ମୁଖ
ତୋର ରହିବନି ଆଉ
ଶୁଖି ସାଖି ହୋଇବ ମଉଳା ।।
ବାଟ ଚଲା ବାଟୋଇ ତୁ
ନ' ଶୁଣିବୁ ଆହା ପଦ ନ'ଶୁଣିବୁ ମନା
କର୍ମମୟ ଜୀବନ ତୋ'
ପଡି ଉଠି କର୍ମ କରି ଚାଲୁଥିବୁ ସିନା ।।
ସାଙ୍ଗ ସାଥୀ ପରିଜନେ
ଅଗେ ପଛେ ଦେବେ ତୋତେ ଠକି ।
ପର ଲାଗି ଅଣ୍ଟା ତୋ'ର ଯିବ ଭାଙ୍ଗି
ନ'ହେବ ସଳଖି ।।
ରହିଯା'ରେ ବାଟୋଇ'ତୁ
ପଡିଲୁଣି ଥକି
ଜୀବନର ଚଲାପଥେ
ଏତେ ଧକ୍‌କା ପାଇଲୁଣି
ନ' ପାରିଲୁ ଶିଖି ।
ନିଜ ପାଇଁ ଦଣ୍ଡେ ହେଲେ ବସି ଯା'ରେ
ଚାଲୁ ଚାଲୁ ପଡିବୁ ଝୁଣ୍ଟିକି ।।
ରହିଯା'ରେ ବାଟୋଇ ତୁ
ପଡିଲୁଣି ଥକି ।।

❑❑❑

Digitized by srujanika@gmail.com

ହଜିଲା ଧନ

କାହିଁ ଚାଲିଗଲୁ ଧନରେ
କେଉଁ ଦୂର ରାଇଜେ।
ତୋ ରୂପ ମୋହନ ମୂରତି
ଆମ ଆଖିରେ ନାଚେ।।
ମମତା ଡୋରିରେ ବାନ୍ଧି ତୁ
ମାୟା ଦେଲୁ ଲଗାଇ।
ଆସିଥିଲୁ କାନ୍ଦି କାନ୍ଦିତୁ
ଗଲୁ ଦେଇ କନ୍ଦେଇ।।
କିର୍ତ୍ତୀରାଜ ନାମ ରଖିଲୁ
କିର୍ତ୍ତୀ ରଖିବା ପାଇଁ।
ରାଜ ରହିଗଲା ରାଇରେ
କିର୍ତ୍ତୀ ଗଲା ପଳାଇ।।
ଅଳ୍ପ ଦିନ ପାଇଁ ଆସି'ତୁ
ଗଲୁ ବହୁତ ଦୂର
ଯୁଗ ପରେ ଯୁଗ ଲାଗୁଛି
ଆମ ହୃଦ କନ୍ଦର।
ପ୍ରତି ମୁହୂର୍ତ୍ତରେ ତୋ ମୁହଁ

Digitized by srujanika@gmail.com

ଯାଏ ଆଖିଂର ନାଚି ।
ପ୍ରତିଟି ମୁହୂର୍ତ୍ତ ଲାଗୁଛି
ତୁହି ଖେଳୁଛୁ ବସି ।
କାହିଁ ପାଇଁ ଆସିଥିଲୁ ତୁ
ଦିନେ ଡାକି'ତ ନାହିଁ
ସ୍ନେହ ମମତାରେ ବାନ୍ଧିଣ
ଡୋରି ଦେଲୁ ଛିଣ୍ଡେଇ ।।
ଆଉକି ଦେଖିବୁ ଧନରେ
ତୋ'ର ହସିଲା ମୁହଁ
ତୋ ମା' ବସିଣ କାନ୍ଦୁଛି
ଝରେ ଆଖିରୁ ଲୁହ
ବାପା ମା' କକା ଝୁରନ୍ତି
ସାଙ୍ଗ ସାଥୀ ଯେତକ
ତୋହ ପାଇଁ ଦୁଃଖ କରନ୍ତି
ଢାଳୁଛନ୍ତି ଲୋତକ ।
ତୋହ କଥା ମନେ ପଡିଲେ
ଧୈର୍ଯ୍ୟ ରହୁ ନାହିଁ
ସବୁ ସୁଖତକ ସାଉଁଟି
ନେଇ ଗଲୁ ପଳାଇ
ସଂପରକ କଟିଗଲା ଏ

Digitized by srujanika@gmail.com

ସଂପର୍କ ପରିବାରୁ
ସୁଖ ଶିରି ସରିଗଲାରେ
ଆମ ହୃଦ କନ୍ଦରୁ ।
କରୁଛି ମିନତୀ ବାବୁ'ରେ
ମନା କରନା ତୁହି
ଫେରି ଆସେ ଆମ ପାଖକୁ
ଆଉ ଥରକ ପାଇଁ ।।

❑❑❑

Digitized by srujanika@gmail.com

ଇନ୍ଦ୍ରଧନୁ

ଫୁଲଟିଏ ଫୁଟେ ଯେବେ
ଗଛର ଡାଳରେ
ଗଛଟି ଉଲ୍ଲସି ଉଠେ।
ଚାନ୍ଦ ଯେବେ ଉଇଁ ଆସେ
ନିର୍ମଳ ଆକାଶେ
ପୃଥିବୀ ଝଲସି ଉଠେ।।
ନିଦାଘ ବରଷା ଯେବେ
ଝର ଝର ଝରି ଯାଏ
ଧରଣୀ ବତୁରି ଯାଏ।
ବଢି ଯେବେ ମାଡି ଆସେ
ଲହରୀ ପରାଏ
ନଈ ନାଳ ଉତୁରିଯାଏ।।
ସୂର୍ଯ୍ୟ ଯେବେ ବୁଡି ଯାଏ
ପଶ୍ଚିମା ଆକାଶେ
ଚାରିଆଡ ଅନ୍ଧାର ଦିଶେ।
ସବୁରି'ଠୁ ଧୋକ୍କା ଖାଏ
ଯେବେ ଏଇ ମଣିଷଟି
ମନ ମାରି ଉଦାସେ ବସେ।।

□□□

Digitized by srujanika@gmail.com

ଭସା ବାଦଲ

ଭସା ବାଦଲ ତୁ'
ଭାସି ଭାସି ଯାଉ
କେଉଁ ଦୂର ରାଇଜକୁ ।
ବାହି ନେଇ ଯା' ମୋ ବେଦନା ନଈରୁ
ଟୋପାଏ ବିନ୍ଦୁ ଧାରାକୁ ।
ବହୁତ ଦିନରୁ ସାଇତି ରଖିଛି
ପାଶୋରିନି କିଛି ମନୁ ।
ଭାବେ ବେଳେ ବେଳେ
କା' ପାଖେ ଅଜାଡି
ଭୁଲି ଯିବି ସବୁ ମନୁ ।।
ସମୟ ନଈର ଜୁଆର ସ୍ରୋତରେ
କେତେ ଦୁଃଖ ବାହି ନିଏ
ଯନ୍ତ୍ରଣାର ଦାଗ କାଠି କୁଟା ସମ
ତା' ସାଥିରେ ଭାସି ଯାଏ ।।
ଧଳା ବାଦଲ ତୁ
ଆକାଶରେ ଭାସୁ
ଦିଶୁ ମୁକ୍ତା ମାଳ ପରି ।
ତୋ' ସାଥିରେ ଚାନ୍ଦ ତାରକା ମିଶିଣ
ଖେଳୁ ଥା'ନ୍ତି ଲୁଚକାଳି ।।
ଭସା ବାସଲ ତୁ ଭାସି ଭାସି ଯାଉ

Digitized by srujanika@gmail.com

ଦିଶୁ କେତେ ମନ ଲୋଭା
ଧଳା ବାଦଲ ତୁ..
କଳା ପାଲଟିଲେ ଚମକେ ବିଜୁଳି ଆଭା।।
ଦିନ ଦିନ ଧରି ରହିଲେ ଆକାଶେ
ପଡଇ ବାରିଦ ଝରି।
ତୋ ସାଥେ ନାଚନ୍ତି ରୁଣୁ ଝୁଣୁ ଶବ୍ଦେ
କେକା ମୟୁର, ମୟୁରୀ।।
ଭସା ବାଦଲରେ
ମନ ହୁଏ ମୋର
ଉଡି ଯା'ନ୍ତି ତୋ'ର ପାଶେ
ବାଦଲ ରେଣୁରୁ ମୁଠାଏ ଧରିଣ
ରଖନ୍ତି ସାଇତି ହାତେ।।
ନୀଳ ଆକାଶରେ ଭାସୁ ଥାଉ ଯେବେ
ତତେ ମୁଁ ଦେଖେ ନିରେଖି।
ତୋ କୋଳରେ ଜହ୍ନ ଛପି ଗଲା ବେଳେ
ଆଖି ରହିଯାଏ ଲାଖି।।
ଭସା ବାଦଲରେ
ତତେ ଯେବେ ଦେଖେ
ହଜେଇ ଦିଏ ନିଜକୁ
କି ମାୟା ଜାଣିଛୁ
କହରେ ବାଦଲ
ନିତି ଚାହେଁ ଆକାଶକୁ।।

□□□

Digitized by srujanika@gmail.com

ବଞ୍ଚିବାର ମୋହ

ଧ୍ୱଂସର ପାହାଡ ତଳେ
ମଣିଷ ଆଜି ଖୋଜୁଛି ନିଜକୁ
ପାଉନି ତା' ନିଜର ଅସ୍ତିତ୍ୱ
ଖୋଜି ଖୋଜି ଫେରିଯାଏ
ଅନେକ ପଛକୁ
ଯହିଁ ଲୁଚି ରହିଥିଲା
ଶ୍ରଦ୍ଧା ଓ ବିଶ୍ୱାସ'ର ସହ
ନିଜର ବ୍ୟକ୍ତିତ୍ୱ ।
ନ'ଥିଲାଟି ଯୁଦ୍ଧକ୍ଷେତ୍ର (କୁଟନୀତି)
ନ'ଥିଲା ସଂଘର୍ଷ
ବଞ୍ଚିବାର ମୋହ ନେଇ
ଥିଲାଟି ଜୀବନ
ଯେମିତି ଘେରି ହୋଇ ରହିଥିବା
ସବୁଜ କ୍ଷେତ ମଝିରେ
ବିଛି ହୋଇ ପଡି ଥିବା
ସୁନା ପରି ଚୁନା ଚୁନା ଧାନ ।।
ପରିବେଶ ଥିଲା ଶାନ୍ତ
ଥିଲା'ଟି ଗାମ୍ଭିର୍ଯ୍ୟ

Digitized by srujanika@gmail.com

ନ'ଥିଲା ଆଜିର ଦୁଃଖ
ସବୁରିଠି ଭରି ହୋଇ ରହିଥିଲା
ବିଶ୍ୱାସ ଓ ଅସୀମ ଧୈର୍ଯ୍ୟ ।
ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରିତୀ ପ୍ରଭାତର
ସୂର୍ଯ୍ୟୋଦୟ ଦେଖିବାର ପାଇଁ
ଅପେକ୍ଷାରତ ମଣିଷ
(ବିଭୀଷିକା) ବିପର୍ଯ୍ୟୟ କାଳ ରାତ୍ରି
କେବେ ହେଲେ
ଶେଷ ହେଉ ନାହିଁ ।

❑❑❑

Digitized by srujanika@gmail.com

ପୂର୍ଣ୍ଣଗଭା

ହେ ଆକାଶ
ନାହିଁ ତୁମ ସତ୍ତା
ନାହିଁ'ତ ଜୀବନ
ମନେ ମନେ ଯେତେ ମୁଁ ନିରିଖେ
କାନକୁ ମୋ ଶୁଭେ ନାହିଁ ହୃଦୟ ସ୍ପନ୍ଦନ।
ନାହିଁ ରୂପ ନାହିଁ ଗନ୍ଧ
ନାହିଁ ତୁମ ପ୍ରାଣ
ତଥାପି ତୁମ ଭିତରେ
ଖୋଜୁଅଛି ମନ।
ଦିନ ପରେ ଦିନ ଯାଏ ଚାଲି
ଗଛେ ଫୁଲ ଯାଉଛି ମଉଳି।
ତୁମ ସତ୍ତା ଖୋଜୁଛି ମୁଁ ସିନା।
ତୁମକୁ ମୁଁ ନ'ପାରୁଛି କଳି।।
ଦୂର ଦିଗ୍‌ବଳୟ ତଳେ
କାହିଁ ଯାଅ ଲୁଚି।
ପାଏନା ମୁଁ ତୁମ ଅନ୍ତ
ରହେ ଖୋଜି ଖୋଜି।।
ଧୀରେ ଧୀରେ କ୍ଷୟ ହୋଇ

Digitized by srujanika@gmail.com

କିରଣର ଧାରା

ଅମାବାସ୍ୟା ରଜନୀରେ
ଦିଶ ତୁମେ କଳା ।
ଦିନୁ ଦିନ ଗଡି ଗଡି
ପୂର୍ଣ୍ଣିମା ବାସରେ ।
ପୂଣ୍ଣଗଢା ଦିଶ ତୁମେ
ଦିଗ୍‌ବଳୟ ପରେ ।।
ତାରାଙ୍କ ଗହଣେ
ଚାନ୍ଦ ଚାନ୍ଦିନୀ ରାତିରେ ।
ଆହାକି ସୁନ୍ଦର ଦିଶ
ଚନ୍ଦ୍ରମା ସାଙ୍ଗରେ ।।

Digitized by srujanika@gmail.com

ପରିଚିତି

[redacted] ଏକାଧାରରେ ଜଣେ ସୁଲେଖିକା, ସଂଗଠିକା ତଥା ସମାଜସେବିକା ଏବଂ ସୃଜନଶୀଳା ମହିଳା ଅଟନ୍ତି। ଜୀବନର ତମାମ୍ ଅଭିଜ୍ଞତାକୁ ନେଇ ସେ ଲେଖିବସନ୍ତି ଅସରନ୍ତି ସ୍ୱପ୍ନ ରାଇଜର କାହାଣୀ, ଯାବତୀୟ ତେଲଲୁଣ ଜଞ୍ଜାଳ ମଧ୍ୟରେ ସୃଜନଶୀଳତାକୁ ସେ ଭୁଲି ପାରି ନାହାଁନ୍ତି। କବିତା, ପ୍ରବନ୍ଧ ଅନେକ ବିଭାଗରେ ସେ ଲେଖନୀ ଚାଳନା କରନ୍ତି। ଓଡିଶାର ଅନେକ ସାଂସ୍କୃତିକ ତଥା ସାହିତ୍ୟ ଅନୁଷ୍ଠାନ ସହ ସେ ଅଙ୍ଗାଙ୍ଗୀ ଭାବେ ଜଡିତ। ବହୁ ପ୍ରଗତିଶୀଳ ପତ୍ରପତ୍ରିକାରେ ତାଙ୍କର ଲେଖା ଗୁଡିକ ମଧ୍ୟ ପ୍ରକାଶିତ। ତାଙ୍କର ପ୍ରଥମ ସୃଜନଶୀଳ ସୃଷ୍ଟି ହେଉଛି ଉପନ୍ୟାସ ''ଭିନ୍ନ ଏକ ପ୍ରତ୍ୟୟ''।
ଏହି କବିତା ସଂକଳନ "ପୂର୍ଣ୍ଣଗଭା" ଏକ ସ୍ୱତନ୍ତ୍ର ଧରଣର ସୃଜନଶୀଳ ପ୍ରୟାସ ମାତ୍ର। ଈଶ୍ୱର କରନ୍ତୁ ସେହି ପ୍ରତିଭାମୟୀ ଆହୁରି ସମୃଦ୍ଧମୟ ଭାବରେ ନୂତନ ପରଂପରାଟିଏ ସୃଷ୍ଟି କରି ବସନ୍ତୁ, ଓଡିଆ ସାହିତ୍ୟକୁ ନୂତନ ଦିଗ୍ଦର୍ଶନ ଦେଇ ଚାଲନ୍ତୁ। ଏହି କବିତା ସଂକଳନଟି ନିଶ୍ଚିତ ଭାବରେ ଜନମାନସକୁ ଆଲୋକିତ କରିବାରେ ସହାୟକ ହେବ, ଏହାହିଁ କାମନା।

Digitized by srujanika@gmail.com